## ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମର ସ୍ମାରକପତ୍ର

ବ୍ରହ୍ମପୁର,(ସ୍ମୃତି ରଞ୍ଜନ ମହାଲିକ):ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ଜିଲା କମିଟି ପକ୍ଷରୁ ସୋମବାର ୮ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାପାଇଁ ଦାବି ଉଲ୍ଲେଖ କରାଯାଇଛି। ସ୍ମାରକ ପତ୍ର ପ୍ରଦାନ ସମୟରେ ଫୋରମର ସଭାପତି ଜୟନ୍ତ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକାନ୍ତ ପାତ୍ର, ସାଧାରଣ ସଂପାଦକ ସୀମାଚଂଳ ପ୍ରସାଦ ବିଶୋୟୀ, ଉପସଭାପତି ଡା ଇନ୍ଦୁ ଭୂଷଣ ପଟ୍ଟନାୟକ, ସଂପାଦକ ଭାଷ୍କରାର୍ଯ୍ୟ ଚୌଧୁରୀଙ୍କ ସମେତ ଫୋରମର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବେଲଗାମ ଡାଲି ଦର

# ସମାଧାନ ଏଠି ଅଛି

ବ୍ରହ୍ମପୁର,୧୬।୧୦ (ଅଶୋକ କୁମାର ସାହୁ)



ଏବେ ରାଜ୍ୟରେ ପ୍ରତ୍ୟେକ ଖାଉଟି ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ପାଇ ଚାଲିଛି। ବିଶେଷ କରି ଡାଲି ଦର ବେଲଗାମ ହୋଇଯାଇଛି। ଡଣା ଅଧିକେ ଡାଲି ସମସ୍ତଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହୋଇଯାଇଥିବାରୁ ଦରବୃଦ୍ଧି ମଧ୍ୟମ ବର୍ଗର ଖାଉଟିଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇଛି। ବାହାରୁ ଡାଲି ଆମଦାନୀ କରିବାକୁ ପଡୁଥିବାରୁ ଦର ବଢୁଥିବା ବ୍ୟବସାୟୀ ମହଲରୁ ମତ ମିଳୁଛି। ତଥାପି ଡାଲି ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ସମାଧାନ ଖାଉଟିଙ୍କ ହାତରେ ଅଛି। ବିକଳ୍ପ ଖୋଜିବା ହିଁ ଏହାକୁ ସମାଧାନ କରିପାରିବ ବୋଲି ଜାଣିବା ଶୁଣିବା ମହଲ କହିଛନ୍ତି।

ଗଞ୍ଜାମ ଏକ କୃଷିପ୍ରଧାନ ଅଞ୍ଚଳ। ଜିଲାର ପ୍ରମୁଖ କୃଷିଜାତ ସାମଗ୍ରୀ ହେଲା ଧାନ। କିନ୍ତୁ ଡାଲିଜାତୀୟ ଚାଷକୁ ସେଭଳି ପ୍ରାଧାନ୍ୟ ଦିଆଯାଉନାହିଁ। କେବଳ ଧାନ କଟାଯିବା ପରେ କାଁ ଭାଁ ଜମିରେ ଚାଷୀମାନେ ମୁଗ, ମଷଡ଼, କୋଳଥ ଆଦି ଚାଷ କରୁଛନ୍ତି। ଧାନ ଚାଷ ବେଳେ ହୁଡାରେ ହରଡ଼ ବୁଣନ୍ତି। ଧାନ ପାଚିବା ସମୟରେ ହରଡ଼ ବି ଅମଳ ହୁଏ। କିନ୍ତୁ ହରଡ଼ ପାଇଁ ସେଭଳି ପରିବେଶ ନାହିଁ। ପର୍ଯ୍ୟାପ୍ତ ଜଳସେଚନ ଆବଶ୍ୟକ ପଡୁନଥିବା ବେଳେ ପାହାଡ଼ିଆ ମାଳ ଅଞ୍ଚଳର ଜଳବାୟୁ ଏହି ଚାଷ ପାଇଁ ଉପଯୁକ୍ତ। ତେଣୁ ସାଧାରଣତଃ ଗଞ୍ଜାମର ପଡୋଶୀ ଜିଲା କନ୍ଧମାଳ ଓ କୋରାପୁଟରେ ଏହି ଚାଷ ହେଉଛି। ସେଠାରୁ ଯାହା ଆଦାୟ ହେଉଛି ସେହି ଅଞ୍ଚଳ ପାଇଁ ବି ତାହା ପର୍ଯ୍ୟାପ୍ତ ନୁହେଁ। ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ୟବସାୟ ସ୍ଥଳ ବ୍ରହ୍ମପୁରର ବଡ଼ବଜାରରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲା ପାଇଁ ବାର୍ଷିକ ଯେତିକି ଟନ୍ ଡାଲି ଆବଶ୍ୟକ ପଡୁଛି ତାହା ଆମଦାନୀ କରିବାକୁ ପଡୁଛି। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ, ନାଗପୁର, କାନପୁର ଆଦି ସ୍ଥାନରୁ ହରଡଡାଲି ସହିତ ବୁଟ ଜାତୀୟ ସାମଗ୍ରୀ ଆମଦାନୀ ହେଉଛି। ତେଣୁ ସାଧାରଣତଃ ଦର ଅଧିକା ରହୁଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗର ମାର୍କେଟିଂ ଇନ୍ସପେକ୍ଟର ରଞ୍ଜନ କୁମାର ସେଠୀଙ୍କୁ ପଚାରିବାରେ ସେ କହିଥିଲେ ଯେ, ବ୍ରହ୍ମପୁରକୁ ଦୈନିକ ୩୦୦ କୁଇଣ୍ଟାଲ ଡାଲି ଆବଶ୍ୟକ ପଡୁଥିବାବେଳେ ଏବେ ୧୭୫ରୁ ୨୦୦ କୁଇଣ୍ଟାଲ ଆମଦାନୀ କରାଯାଉଛି। ଦର ଅଧିକା ଯୋଗୁ ଲୋକେ ପୂର୍ବାପେକ୍ଷା ଡାଲି ବ୍ୟବହାର କମାଇ ବିକଳ୍ପ ଦେଖୁଛନ୍ତି। ଯଦି ଲୋକେ ସଚେତନ ହୋଇ ସମ୍ପୂର୍ଣ୍ଣ ବିକଳ୍ପର ରାସ୍ତା ଦେଖିବେ ତେବେ ଦର କମିବା ସହିତ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି। ଗତ ୫ବର୍ଷ ତଳେ ଅର୍ଥାତ ୨୦୧୭ରୁ ୨୦୨୩ ପ୍ରଥମ ତ୍ରୟମାସିକ ପର୍ଯ୍ୟନ୍ତ ଡାଲି ଦର ୮୦ରୁ ୧୦୦ ଟଙ୍କା ଭିତରେ ଥିଲା। ଏପ୍ରିଲରୁ ଦର ବଢ଼ିବା ଆରମ୍ଭ ହୋଇଛି। ୮ ମାସ ମଧ୍ୟରେ ରିଟେଲ ବଜାରରେ ଡାଲି କିଲୋ ପିଛା ୬୦ ଟଙ୍କା ବଢ଼ିଛି। ବର୍ତ୍ତମାନ ରିଟେଲ ମାର୍କେଟରେ କିଲୋ ପିଛା ୧୬୦ ଟଙ୍କାରେ ଡାଲି ବିକ୍ରି ହେଉଛି। କିନ୍ତୁ ପୂର୍ବରୁ ମାର୍କେଟରେ ଯାହା ବିକ୍ରି ହେଉଥିଲା ତାହା ଏବେ କମିଯାଇଛି। ଖାଉଟି ଡାଲିର ବିକଳ୍ପକୁ ଆପଣେଇଛନ୍ତି। କମ୍ ଲୋକ ଡାଲି ଆମଦାନୀ କରୁଥିବାବେଳେ ସେମାନଙ୍କ ହାତରେ ଦର ନିୟନ୍ତ୍ରଣର ଚାବିକାଠି ରହୁଛି। ତେଣୁ ଏଭଳି ଦର ବଢ଼ିବାରେ ଲାଗିଛି। ଏହା କେବଳ ଗଞ୍ଜାମ ଜିଲା ନୁହେଁ ସାରା ରାଜ୍ୟରେ ଡାଲି ଦରକୁ ନେଇ ସରକାର ଚିନ୍ତିତ ଅଛନ୍ତି। ତେବେ ଏହି ଦର ବଢ଼ିବା ସାମୟିକ। ମାର୍କେଟକୁ କେତେ ଡାଲି ଆସୁଛି, କେଉଁ ଦରରେ ବ୍ୟବସାୟୀ କିଣୁଛନ୍ତି, କେତେ ଦରରେ ବିକୁଛନ୍ତି ପ୍ରତ୍ୟହ ଯୋଗାଣ ବିଭାଗ ପାଖରେ ରିପୋର୍ଟ ରହୁଛି। କିନ୍ତୁ ଦର ନିୟନ୍ତ୍ରଣ କରି ହେଉନି। କେବଳ ଏହାର ସମାଧାନ ଖାଉଟିଙ୍କ ହାତରେ ରହିଛି ବୋଲି ବ୍ୟବସାୟୀ ମହଲ ମତ ପ୍ରକାଶ କରିଛନ୍ତି। ସବୁଠୁ ବଡ଼କଥା ହେଲା ସରକାରୀ ନୀତି ଠିକ୍ ରହିବା ଦରକାର। ଚାଷୀଙ୍କୁ ହରଡ଼ ଚାଷ କରିବାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରୋତ୍ସାହନ ଦେବା ଉଚିତ। ଫଳରେ ହରଡ଼ ଚାଷ କରିବାକୁ ଚାଷୀ ଆଗ୍ରହୀ ହେବେ। ଅନ୍ୟପକ୍ଷରେ ଚାଷୀ ହରଡ଼ ଆଦାୟ କଲେ ବି ତାହାର ଉଚିତ ମୂଲ୍ୟ ପାଉନାହାଁନ୍ତି। ତାହାର ବି ବ୍ୟବସ୍ଥା କରିବା ଦରକାର। ଗତ ୬ ମାସକୁ ଯଦି ଦେଖିବା ହୋଲସେଲ ମାର୍କେଟରେ କିଲୋ ପିଛା ହରଡ଼ ୧୧୫ ଟଙ୍କାରୁ ୧୫୫ ଟଙ୍କାରେ ପହଞ୍ଚିଛି। ସେହିପରି ମୁଗ ୧୦୦ରୁ ୧୧୫ ଟଙ୍କା, ବୁଟଡାଲି ୬୦ରୁ ୭୪ ଟଙ୍କା, ମସୁର ୬୨ରୁ ୭୪ ଟଙ୍କା ଏବଂ ବିରୀ ୧୦୦ରୁ ୧୧୫ ଟଙ୍କା ଦର ହୋଇଛି।

### ଏମାନଙ୍କ ମୁହଁର କଥା



"ବର୍ତ୍ତମାନ ଯେଉଁଭଳି ସ୍ଥିତିରେ ଡାଲି ଦର ବଢ଼ିଚାଲିଛି, ଆଗାମୀ ଦିନରେ ଏହି ଦର କମିବ ବୋଲି ବ୍ୟବସାୟୀ ମହଲ ଆଶା ରଖିଛି। କାରଣ ଏହା ସାମୟିକ। ନିୟନ୍ତ୍ରଣ ଖାଉଟିଙ୍କ ହାତରେ ରହିଛି। ଚାହିଦା ଯେତେ ବଢ଼ିବ ଦର ବି ତା ସହ ତାଳ ଦେଇ ଚାଲିବ। ତେଣୁ ଯେ କୌଣସି ସାମଗ୍ରୀର ଦର ବଢ଼ିଲେ ଖାଉଟି ହିଁ ନିୟନ୍ତ୍ରଣ କରିପାରିବେ ବୋଲି ସେ କହିଛନ୍ତି।

-ସିଏଚ. ରବୀନ୍ଦ୍ରନାଥ
ସଭାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ(ବ୍ରହ୍ମପୁର)



"ପ୍ରଥମ କଥା ହେଲା ଚାହିଦା ତୁଳନାରେ ଡାଲି ଆଦାୟ ହେଉନାହିଁ। ଅନ୍ୟପକ୍ଷରେ ମାର୍କେଟରେ ବଡ ବଡ଼ ବ୍ୟବସାୟୀମାନେ ଡାଲି କିଣି ଗଚ୍ଛିତ କରି ଦେଉଛନ୍ତି। ପ୍ରତ୍ୟହ ସରକାରୀ ସ୍ତରରେ ଯଦି ପ୍ରତି ଦୋକାନର ଷ୍ଟକକୁ ଯାଞ୍ଚ କରାଯାଇଥାନ୍ତା ତେବେ ଦର ଉପରେ ପ୍ରଭାବ ପଡ଼ନ୍ତା। ଦର ଅଧିକା ଯୋଗୁଁ ଲୋକେ ହରଡ଼ର ବିକଳ୍ପ ଖୋଜିବାରେ ଲାଗିଲେଣି। ଖାଉଟି ଯଦି ହରଡ଼କୁ ଚାହିଁବେନି ତେବେ ଦର ନିୟନ୍ତ୍ରଣ ରହିବ।

-ଉପେନ୍ଦ୍ର ଚୌଧୁରୀ (ବ୍ୟବସାୟୀ, ଚିକିଟି)



"ପୂର୍ବରୁ ଘରେ ଯେତିକି ଡାଲି ବ୍ୟବହାର କରୁଥିଲୁ ଏବେ କମିଯାଇଛି। ଦର ବଢ଼ିଥିବାରୁ ଡାଲି କିଣି ହେଉନାହିଁ। ଏହାର ବିକଳ୍ପ ଭାବେ ମୁଗ ଏବଂ ମସୁରକୁ ଆପଣେଇଛୁ। ଆମେ ଯଦି ନକିଣି ବିକଳ୍ପ ଖୋଜିବା ତେବେ ନିଶ୍ଚିତ ଭାବେ ଦର କମିବ।

-ବିନତୀ ସାହୁ (ଗୃହିଣୀ, ଗୋଷାଣୀନୂଆଗାଁ)



"ଡାଲି ଦର ବର୍ତ୍ତମାନ ଯେତିକି ଅଛି ତାହା ବାଧୁଛି। ତଥାପି ଯେତିକି ବ୍ୟବହାର କରୁଥିଲୁ ଏବେ ତାହା କମିଯାଇଛି। କିନ୍ତୁ ଦର ଅପରିବର୍ତ୍ତିତ ରହିଛି। ସରକାର ଏଥିପାଇଁ ଦୃଷ୍ଟିଦେବା ଉଚିତ।

-ଏ.ଲତା ରାଓ
(ଗୃହିଣୀ, ହଳଦିଆପଦର)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ କାର୍ତ୍ତିକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କୋର୍ଟରେ ସାକ୍ଷୀଙ୍କ ବୟାନ

### କ୍ଷୀର ବ୍ୟବସାୟୀ ହତ୍ୟା ଘଟଣା

ବ୍ରହ୍ମପୁର,୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ହିଲପାଟଣା ଅଞ୍ଚଳର କ୍ଷୀର ବ୍ୟବସାୟୀ ଲମ୍ୱୋଦର ମୁନୀ ହତ୍ୟା ଘଟଣାର ବିଚାର ଏଡିଜେ-୩ ରାଜକୁମାର ଦାଶଙ୍କ କୋର୍ଟରେ ଚାଲିଛି। ଶଙ୍କର କରନ ନାମକ ଜଣେ ସାକ୍ଷୀ କୋର୍ଟ ହାଜର ହୋଇ ତାଙ୍କ ବୟାନ ରଖିଛନ୍ତି। ଥାନାରେ ଅଭିଯୁକ୍ତ ଶିବ ମହାଙ୍କୁଡ ଲମ୍ୱୋଦରଙ୍କୁ ହତ୍ୟା ପରେ ତାଙ୍କ ଭାଗକୁ ମିଳିଥିବା ଲକ୍ଷେ ଟଙ୍କା ଓ ସୁନା ମୁଦି ପାଇଥିଲେ। ପୋଲିସ ତାଙ୍କ ଘରୁ ଲୁଟ ସୁନା ଓ ଟଙ୍କା ଜବତ କରିବା ବେଳେ ଶଙ୍କର କରନ ସାକ୍ଷୀ ରହିଥିଲେ। ସେ କୋର୍ଟରେ ହାଜର ହୋଇ ଏ ସମ୍ପର୍କରେ କହିଥିବା କ୍ୟାଡର ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଜୁନ୍ ୧୩ ତାରିଖରେ ହିଲପାଟଣା ଏମଏଭି ସ୍କୁଲ ନିକଟ ହେରିଟେଜ୍ ଗୋଦାମରେ କ୍ଷୀର ବ୍ୟବସାୟୀ ଲମ୍ୱୋଦରଙ୍କୁ ହତ୍ୟା କରାଯାଇଥିଲା। ସେ ସମୟରେ ଗୋଷଣୀ ନୂଆଗାଁ ଥାନା ପୋଲିସ ଏକ ମାମଲା ରୁଜୁ କରି ପର୍ଯ୍ୟାୟ କ୍ରମେ ୫ ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୩୦ ଜଣ ସାକ୍ଷୀ ରହିଥିବା ବେଳେ ୧୭ନମ୍ବର ସାକ୍ଷୀ ଭାବେ ଶଙ୍କର କୋର୍ଟରେ ହାଜର ହୋଇ ତାଙ୍କ ବୟାନ ଦେଇଛନ୍ତି।

### ସଂକ୍ଷେପରେ

## ବିପୁଳ ପରିମାଣର ବାଣ ଜବତ, ୨ ଗିରଫ

ବ୍ରହ୍ମପୁର,୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ପୋଲିସ ପକ୍ଷରୁ ଚତୁର୍ଭୁଜ ଧର୍ମଶାଳାର ଏକ ଭଡ଼ା ଘରେ ଚଢ଼ାଉ କରାଯାଇ ସେଠାରେ ବେଆଇନ୍ ଭାବେ ଗଚ୍ଛିତ ରଖି ବିକ୍ରି କରାଯାଉଥିବା ବହୁ ପରିମାଣର ବାଣ ଜବତ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଥୁରାନଗରର ବଳରାମ ସାସମଲ ଏବଂ ଉତ୍କଳ ସିନେମାହଲ୍ ଛକ ନିକଟ ମେଦିନିସାହିର କେ.ମୋହନ ରାଓ। ଏ ନେଇ ଥାନାରେ ୩୯୩/୨୩ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ପ୍ରକାରେ, ବଡ଼ବଜାର ଥାନା ଏସ୍ଆଇ ସସ୍ମିତା ସେଠୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ତ୍ରିବେଣୀନଗର ନିକଟ ଚତୁର୍ଭୂଜ ଧର୍ମଶାଳାରେ ଏକ ଘର ଭଡ଼ା ନେଇ ଦୁଇ ଅଭିଯୁକ୍ତ ସେଠାରେ ବହୁ ପରିମାଣର ବାଣ ରଖିଥିବା ଜାଣିବାକୁ ପାଇଥିଲେ। ସେଠାରୁ ବାଣକୁ ନେଇ ବଜାରରେ ବିକ୍ରି କରାଯାଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସ ବାଣ ଜବତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ସେମାନଙ୍କ ପାଖରେ ବାଣ ବିକ୍ରି କରିବା କିମ୍ବା ଗଚ୍ଛିତ ରଖିବାର କୌଣସି ଲାଇସେନ୍ସ ନ ଥିବା ଜଣାପଡିଥିଲା।

### ବିଭିନ୍ନ ମଣ୍ଡପରେ ମା'ଙ୍କ ନବରାତ୍ର ପୂଜା



ହନୁମାନ ବଜାର



ପୁରୁଣା ବସଷ୍ଟାଣ୍ଡ



ବିଜିପୁର



ହିଲପାଟଣା

(ଫଟୋ: ସମୀର କୁମାର ରଥ)

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ଦ୍ୱାରା ଜିଲା ବକ୍ସିଂ ସଂଘ କୋଚଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୧୬।୧୦(ତନୁଶ୍ରୀ ନାହାକ)

ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ସୋମବାର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମପି ଚନ୍ଦ୍ରଶେଖର ସାହୁ ଉପସ୍ଥିତ ରହିଥିଲେ। ମୁଖ୍ୟ ବକ୍ତାଭାବେ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ମେୟର ସଂଘମିତ୍ରା ଦଳାଇ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଭାଗୀରଥୀ ସ୍ୱାଇଁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡ଼ିଇଓ ପବିତ୍ର ମୋହନ ସାହୁ, ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଜିଲାର ୧୭ ବର୍ଷରୁ କମ ୬୩୦ ଜଣ ବାଳକ ଓ ବାଳିକା ପ୍ରତିଯୋଗୀ ଯୋଗଦେଇଛନ୍ତି। ଉଦଘାଟନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିଯୋଗିତା ଆସନ୍ତା ୨୦ ତାରିଖରେ ଉଦଯାପିତ ହେବ। ସେହିପରି ୧୭ ତାରିଖରୁ ୧୪ ବର୍ଷ ରୁ କମ ବାଳକ ଓ ବାଳିକାଙ୍କ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ବୁଢ଼ୀ ଠାକୁରାଣୀଙ୍କ ନବରାତ୍ରି ପୂଜା



ବ୍ରହ୍ମପୁର,୧୬।୧୦(ଅଶୋକ କୁମାର ସାହୁ)

ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ଗ୍ରାମରେ ଗ୍ରାମଦେବତୀ ମା' ବୁଢ଼ୀ ଠାକୁରାଣୀଙ୍କ ନବରାତ୍ର ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏଥିଲାଗି ଗାଁ ଉତ୍ସବମୁଖର ହୋଇଛି। ଏହି ପୂଜା ୯ ଦିନ ଧରି ଚାଲିବାକୁ ଥିବାବେଳେ ଦଶହରା ଦିନ ଗାଁରେ ଯାତ୍ରା ହେବ। ସେଦିନ ମା' ଘଟରେ ବିରାଜମାନ କରି ଗାଁ ପରିଭ୍ରମଣ କରିବେ। ଏହି ପୂଜାରେ ପ୍ରଦୀପ କୁମାର ସାହୁ କର୍ତ୍ତା ଥିବାବେଳେ, ଲଳିତ ମୋହନ ପାଢ଼ୀ ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଉଛନ୍ତି। ପାରମ୍ପରିକ ପୂଜକ ଇନ୍ଦ୍ରମଣି ବେହେରା ସହଯୋଗ କରୁଛନ୍ତି। ମା'ଙ୍କ ସାନ୍ଧ୍ୟ ଆଳତି ଦେଖିବା ପାଇଁ ପ୍ରବଳ ଗହଳି ହେଉଛି। ଦଶହରାରେ ମା'ଙ୍କ ପରିଭ୍ରମଣ ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଯୋଜନା ରହିଛି ବୋଲି ବୁଢ଼ୀ ଠାକୁରାଣୀ କମିଟି ପକ୍ଷରୁ କୁହାଯାଇଛି।

## ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

### ଗଞ୍ଜେଇ ଚାଲାଣ ମାମଲା

ବ୍ରହ୍ମପୁର,୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ଡ଼. ଇନ୍ଦୁ ଶର୍ମା ସୋମବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳାପଲି ଗ୍ରାମର ପି. ମହେଶ ପାତ୍ର ଓ ଡ୍ରାଇଭର ଦିଗପହଣ୍ଡି ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତାର ଅଜୟ ବେହେରା। ଜଜ ଉଭୟଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସେମାନେ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ୨୦୨୩ ମାର୍ଚ୍ଚ ୨୪ ତାରିଖରେ ଅବକାରୀ ଗୋଇନ୍ଦା ଟିମ ବିଶ୍ୱସ୍ତସୂତ୍ରରୁ ଖବରପାଇ ଜାତୀୟ ରାଜପଥ -୧୬ ପୁକୁଡିବନ୍ଧ ଛକରେ ପାଟ୍ରୋଲିଂ କରୁଥିଲା। ଗୋପାଳପୁର ଜଙ୍କଶନରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର (ଓଆର ୦୫ ଏକେ- ୦୩୭୫)କୁ ଅଟକାଇ ଯାଞ୍ଚ କରିବାରୁ ୨୮ଟି ଜରି ବସ୍ତାରେ ଥିବା ୧୪୦ କେଜି ଗଞ୍ଜେଇ ମିଳିଥିଲା। ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ ଝାଡ଼ଖଣ୍ଡ ଚାଲାଣ କରିଥାନ୍ତେ ବୋଲି କହିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ଅବକାରୀ ପୋଲିସ କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ହୃଦୟ ଚନ୍ଦ୍ର ସାମନ୍ତ ଗତ ମେ ୧୧ ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ ଦାଖଲ କରିଥିଲେ। ଏହି ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ଠାରୁ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଶୁକ୍ରସେନଙ୍କୁ ସୋମବାର କଡା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନ ରଞ୍ଜନ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

### ବିଜେଡି ପକ୍ଷରୁ ନବୀନଙ୍କ ଜନ୍ମଦିନ ପାଳିତ

## ୯୨୩ ୟୁନିଟ୍ ରକ୍ତ ସଂଗୃହୀତ

ବ୍ରହ୍ମପୁର,୧୬।୧୦ (ନରସିଂହ ସାହୁ)



ଶିବିରରେ ବିଜେଡି ନେତା ଓ କର୍ମୀ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ବିଜେଡି ପକ୍ଷରୁ ସୋମବାର ନିରାଡ଼ମ୍ବର ଭାବେ ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ଟାଉନ ହଲ ଓ ଆମ୍ବପୁଆ ଠାରେ ହୋଇଥିବା ଦୁଇ ମେଗା ରକ୍ତଦାନ ଶିବିରରୁ ୯୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରେଡକ୍ରସ ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଛି। ବ୍ରହ୍ମପୁର ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ୨ କାର୍ଯ୍ୟକ୍ରମକୁ ବିଧାୟକ ବିକ୍ରମ କୁମାର ପଣ୍ଡା ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ବିଧାୟକ ପଣ୍ଡାଙ୍କୁ ଗୋପାଳପୁର ଦାୟିତ୍ୱ ଦିଆଯାଇଛି। ଉଭୟ ଶିବିରକୁ ଏମପି ଚନ୍ଦ୍ରଶେଖର ସାହୁ, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ମିଳିତ ଭାବେ ଉଦଘାଟନ କରିଥିଲେ।

ଟାଉନ ହଲ ଶିବିରରୁ ୩୩୩ ୟୁନିଟ ଓ ଆମ୍ବପୁଆ ଶିବିରରୁ ୫୯୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବିଜେଡି କର୍ମୀ ଓ ନବୀନ ପ୍ରେମୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମହାନଗର ନିଗମର ବିଜେଡି କର୍ପୋରେଟର ବୃନ୍ଦ, ଗୋପାଳପୁର ଏନଏସି ନିର୍ବାଚିତ ଜନ ପ୍ରତିନିଧି ଏବଂ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ। କୁକୁଡ଼ାଖଣ୍ଡି ବ୍ଲକର ନିର୍ବାଚିତ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶା ମୋ ପରିବାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବାହ୍ନରେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ବ୍ରହ୍ମପୁର ଆରାଧ୍ୟ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ଓ ଆମ୍ବପୁଆସ୍ଥ ମା' କାଳୀଙ୍କ ପୀଠରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିକ୍ରମଙ୍କ ନେତୃତ୍ୱରେ କର୍ମୀ ଓ ବିଭିନ୍ନ ସ୍ତରର ବହୁ ଲୋକେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଯୁବ ବିଜେଡି ନେତା ଅଜିତ ପଣ୍ଡା, ମଦନ ଦଳେଇ, ମହାନଗର ବିଜେଡି ସଭାପତି ଓ ତାଙ୍କ ଟିମ, ଶତାଧିକ ମହିଳା ବିଜେଡି ନେତ୍ରୀ ଓ କର୍ମୀ ଉଭୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

